Largest Circulated Odia Daily
SAMBAD
ସମ୍ବାଦ
ସର୍ବାଧିକ ପ୍ରଚାରିତ ଓଡ଼ିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT
www.kiit.org

ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର

ନୀତୀଶଙ୍କ କ୍ୟାବିନେଟରେ ୧୪ ମନ୍ତ୍ରୀ ଆଉ ଜଣେ ଉପମୁଖ୍ୟମନ୍ତ୍ରୀ, ବଙ୍ଗଳା ରଣଜୀ ଅଧିନାୟକ ପଦରୁ ଗାଙ୍ଗୁଲିଙ୍କ

ତାରିଖ : ୧୧/୨୩/୨୦୦୫


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୬.୯ | ୩୦.୨ |
| କଟକ | ୧୫.୫ | ୩୦.୬ |
| ବାଲେଶ୍ୱର | ୧୫.୫ | ୨୯.୨ |
| ଗୋପାଳପୁର | ୧୮.୨ | ୨୯.୨ |
| ଝାରସୁଗୁଡ଼ା | ୧୨.୪ | ୨୭.୮ |

ବିତର୍କ/ମତାମତ ସଂଗ୍ରହ

ବିହାରରେ ଏନ୍‌ଡିଏର ବିଜୟ ଜାତୀୟ ରାଜନୀତିରେ ପଟ୍ଟପରିବର୍ତ୍ତନର ସୂଚନା ଦେଉଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ବିଜ୍ଞାନ ପ୍ରତିଷ୍ଠାନ ଓ ଆୟୁର୍ବିଜ୍ଞାନ ସଂସ୍ଥାନ ମୁଖ୍ୟ ପ୍ରସଙ୍ଗ

ନୂଆଦିଲ୍ଲୀ, (ଇମିସ): ସଂସଦର ଶୀତକାଳୀନ ଅଧିବେଶନରେ ଉଭୟ ଗୃହରେ ଓଡ଼ିଶାର ବିଜେଡି ଓ ବିଜେପି ସାଂସଦମାନଙ୍କ ଦ୍ୱାରା ଦୁଇଟି ପ୍ରମୁଖ ପ୍ରସଙ୍ଗ ଆଲୋଚନା ହେବା ନିଶ୍ଚିତ ବୋଲି ସଦସ୍ୟମାନଙ୍କ ସୂତ୍ରରୁ ଜଣାପଡିଛି। ଓଡ଼ିଶାରେ ହେବାକୁ ଥିବା ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ କୋଲ୍କାତାକୁ ସ୍ଥାନାନ୍ତରଣ ସିଦ୍ଧାନ୍ତ ଓ ଭୁବନେଶ୍ୱରର ସିଜୁଆଠାରେ ଶିଳାନ୍ୟାସ ହୋଇଥିବା ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ର କାମ ଆରମ୍ଭ ନ ହେବା ପ୍ରସଙ୍ଗ ଉପରେ ସଂସଦରେ ଆଲୋଚନା କରାଯିବ ବୋଲି ଲୋକସଭାରେ ବିଜେଡିର ସଂସଦୀୟ ଦଳ ନେତା ବ୍ରଜକିଶୋର ତ୍ରିପାଠୀ ଓ ବିଜେପି ସାଂସଦ ମହାମେଘବାହାନ ଐର ଖାରବେଳ ସ୍ୱାଇଁ ପ୍ରକାଶ କରିଛନ୍ତି। ତେବେ ଏହି ଦୁଇ ପ୍ରସଙ୍ଗକୁ ଅଧିବେଶନରେ ପ୍ରଥମ ପର୍ଯ୍ୟାୟ ପରିବର୍ତ୍ତେ ପରବର୍ତ୍ତୀ ପର୍ଯ୍ୟାୟରେ ଉଠାଯିବ ବୋଲି ସାଂସଦ ଶ୍ରୀ ସ୍ୱାଇଁ 'ସମ୍ବାଦ'କୁ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିହାର ପ୍ରସଙ୍ଗ, ଦେଶର ଆଇନଶୃଙ୍ଖଳା ପ୍ରସଙ୍ଗ, ଭୋଲକର କମିଟିର ରିର୍ପୋଟ ଉପରେ ଆଲୋଚନା ସରଗରମ ହେବା ସମ୍ଭାବନା ଥିବାରୁ ଏହିସବୁ ପ୍ରସଙ୍ଗ ଆଲୋଚନା ସରିବା ପରେ ଓଡ଼ିଶାର ପ୍ରସଙ୍ଗ ଗୁଡିକୁ ଆଲୋଚନା କରାଯିବ। ଅନ୍ୟଥା ଓଡ଼ିଶା ପ୍ରସଙ୍ଗ ପ୍ରଥମ ପର୍ଯ୍ୟାୟରୁ ଉଠାଇଲେ ଉପରୋକ୍ତ ପ୍ରସଙ୍ଗ ଗୁଡିକୁ ନେଇ ହେବାକୁ ଥିବା ସରଗରମ ଆଲୋଚନା ଭିତରେ ଏହା ହଜିଯିବ ବୋଲି ଶ୍ରୀ ସ୍ୱାଇଁ ଆଶଙ୍କା ବ୍ୟକ୍ତ କରିଛନ୍ତି। ସାଂସଦ ଶ୍ରୀ ତ୍ରିପାଠୀଙ୍କ ସୂଚନାମତେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ପଶ୍ଚିମବଙ୍ଗକୁ ସ୍ଥାନାନ୍ତରଣ ପ୍ରସଙ୍ଗ ଓ ଏମ୍‌ସ ପ୍ରତିଷ୍ଠା କ୍ଷେତ୍ରରେ ୟୁପିଏ ସରକାରର ଅନାଗ୍ରହ ପ୍ରସଙ୍ଗ ସହ ଓଡ଼ିଶାକୁ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ ପ୍ରଦାନ ପରିମାଣରେ ହ୍ରାସ ପ୍ରସଙ୍ଗ ମଧ୍ୟ ଏଥର ଅଧିବେଶନରେ ଆଲୋଚନା କରାଯିବ। ଓଡ଼ିଶାରେ ଜାତୀୟ ରାଜପଥ ଉନ୍ନତି କାମ ଶିଥିଳ ଚାଲିଥିବାରୁ ଏହା ଉପରେ ମଧ୍ୟ ଆଲୋଚନା କରାଯିବ ବୋଲି ସାଂସଦ ଶ୍ରୀ ସ୍ୱାଇଁ କହିଛନ୍ତି। ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଓଡ଼ିଶା ପରିବର୍ତ୍ତେ ପଶ୍ଚିମବଙ୍ଗରେ ପ୍ରତିଷ୍ଠା କରାଯିବା ପ୍ରସଙ୍ଗ ଓ ଏମ୍‌ସ ପ୍ରତିଷ୍ଠାରେ ଶିଥିଳତା ପ୍ରସଙ୍ଗ ନେଇ ରାଜ୍ୟସଭାରେ ମଧ୍ୟ ଆଲୋଚନା କରାଯିବ ବୋଲି ବିଜେପି ରାଜ୍ୟସଭା ସାଂସଦ ରୁଦ୍ର ନାରାୟଣ ପାଣି ପ୍ରକାଶ କରିଛନ୍ତି। ବିଜ୍ଞାନ ପ୍ରତିଷ୍ଠାନ ପରିବର୍ତ୍ତନ ନିଷ୍ପତ୍ତିକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ପାଣି କହିଛନ୍ତି।

ପୂର୍ବପୃଷ୍ଠା



ବ୍ୟକ୍ତିତ୍ୱ ପଛରେ ଆଭୂଷଣ...! ମୁମ୍ବାଇରେ ଆଜି 'ସ୍କଟିଶ କଲେକସନ୍'ର ଏକ ସୋ ରୁମ୍ ଉଦ୍‌ଘାଟନରେ ବିଗ୍ 'ବି'।

ଅନ୍ୟାନ୍ୟ ଖବର


- ଅଣଅନୁଦାନପ୍ରାପ୍ତ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଧାରଣା ତୃତୀୟ ଦିନରେ
- ଶାସକ ଦଳ ବିଧାୟକଙ୍କ ନିଜ ପଞ୍ଚାୟତରେ ଅନାହାର ମୃତ୍ୟୁ
- କଲେଜ ଛାତ୍ରୀଙ୍କୁ ଅପହରଣ
- ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଆକ୍ରମଣ, ଜଣେ ମୃତ
- ଆଜୀବନ କାରାଦଣ୍ଡ ଆଦେଶ ହାଇକୋର୍ଟରେ ବାତିଲ୍
- ବର୍ଷକୁ ୧୦ ଲକ୍ଷ ଭାରତୀୟ ସିଓପିଡ଼ି ରୋଗରେ ମୃତ୍ୟୁବରଣ କରୁଛନ୍ତି
- ସଂସ୍କୃତିକୁ ଜାଗ୍ରତ କରିବା ପାଇଁ ସମ୍ବାଦପତ୍ର ଶ୍ରେଷ୍ଠ ମାଧ୍ୟମ
- ସଂସ୍କୃତିକୁ ଜାଗ୍ରତ କରିବା ପାଇଁ ସମ୍ବାଦପତ୍ର ଶ୍ରେଷ୍ଠ ମାଧ୍ୟମ
- ଶାଳୀ ପ୍ରେମରେ ପ୍ରାଣଗଲା
- ଶାସକ ଦଳ ଉପମୁଖ୍ୟ ସଚେତକ ଦର୍ଘଟଣାରୁ ବର୍ତିଲେ
- ଦ୍ୱିତୀୟ ପତ୍ନୀକୁ ଇନ୍ଦିରା ଆବାସ ନ ମିଳିବାରୁ ବିଡିଓଙ୍କୁ ମାଡ଼
-

ମଦ ଦୋକାନ ପ୍ରତିବାଦରେ ମହିଳାଙ୍କ ଗଣଧାରଣା





Copyright © 2001 orissasambad.com

Site Developed by : www.wayindia.com